# ଫସଲରେ ବ୍ୟାପୁଛି ଅଜଣା ରୋଗ

ଉତ୍କଳବନ୍ଧୁ ପଣ୍ଡା

ଖଇରା, ୨୪।୧୦

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଭୁଗୁପୁର ଓ ପାଇକାଳପୁର ଗ୍ରାମର ଚାଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ୨୦୧୭ ମସିହାରେ ଶହ ଶହ ଏକର ଚାଷଜମିର ଧାନ ଅଗାଡି ହୋଇଯିବା ପରେ ବ୍ଲକ, ଜିଲା ଓ ରାଜ୍ୟସ୍ତରର କୃଷି, ରାଜସ୍ୱ ଓ ପରିସଂଖ୍ୟାନ ବିଭାଗର ଅଧିକାରୀମାନଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। କଟକର ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରୁ ଦଳ ଦଳ ହୋଇ ବହୁ ଟିମ୍ ପରିଦର୍ଶନରେ ଆସି ଅନୁଧ୍ୟାନ କରିଯାଇଥିଲେ। କିଏ କହିଲେ ପତ୍ରପୋଡା, କିଏ କହିଲେ ଗଳାକଟା ଆଉ କେତେକ ଅଧିକାରୀ ବୀଜାଣୁଜନିତ ରୋଗ ବୋଲି କହିଥିଲେ ହେଁ ନିର୍ଦ୍ଦିଷ୍ଟ ଭାବେ କେହି ରୋଗ ଚିହ୍ନଟ କରି ପାରି ନ ଥିଲେ। ଅଧିକାରୀମାନେ ଭଲ ଧାନବିହନ ଓ ଠିକ ଔଷଧ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଧାନକଟା ହେବା ପରେ ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଧାନ ଅମଳ କରାଯାଇଥିଲା। ଶତକଡା ୬୦ଭାଗରୁ ଊର୍ଦ୍ଧ୍ୱ ଧାନ ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ସେହି ଅନୁଯାୟୀ ଚାଷୀଙ୍କ ନିକଟରୁ ଜମିର କାଗଜପତ୍ର ଯୋଗାଡ଼ କରି ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ତରେଇ ଓ ଖଇରା ତହସିଲଦାର ରମେଶ ଜେନା ଜିଲାପାଳଙ୍କ



ଚାଷୀମାନେ ନଷ୍ଟ ହୋଇଥିବା ଧାନ ଗଛ ଦେଖାଉଛନ୍ତି।

କାର୍ଯ୍ୟାଳୟକୁ ପଠାଇ ଦେଇଥିଲେ। ଖୁବ୍‌ଶୀଘ୍ର କ୍ଷତିପୂରଣ ମିଳିଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ହେଲେ ପାଖାପାଖି ବର୍ଷେ ବିତିଗଲାଣି। ନା ମିଳିଛି କ୍ଷତିପୂରଣ, ନା ବୀମା। କୌଣସି ଗୋଟିଏ ହେଲେ ଯୋଜନାରୁ ଟଙ୍କାଟିଏ ବି ଚାଷୀଙ୍କ ଜମାଖାତାକୁ ଆସିଲାନି। ଗତବର୍ଷର କ୍ଷତିଭରଣା ହୋଇ ନ ଥିବା ବେଳେ ଏବର୍ଷ ସମାନ ରୋଗ ଓ ସମାନ ଲକ୍ଷଣ ଧାନଗଛରେ ଦେଖାଦେବା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ପ୍ରତିବାଦରେ ଚାଷୀମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଗତବର୍ଷର କ୍ଷତିଭରଣା ସହ ଚାଷୀମାନେ ଅଧିକ ଅମଳ ଆଶାରେ ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରରୁ ଫାଉଣ୍ଡେଶନ ବିହନ ଆଣିବା ସହ ଲାଇସେନ୍ସପ୍ରାପ୍ତ ଦୋକାନରୁ ସାର ଓ କୀଟନାଶକ କିଣି ଜମିରେ ପକାଇଥିଲେ। ସ୍ୱାଭାବିକ ବର୍ଷା ଯୋଗୁ ଧାନଗଛ ମଧ୍ୟ ଭଲ ହୋଇଥିଲା। ଏଥର ଅମଳରେ ଏବର୍ଷର ଆୟକୁ ଛାଡି ଗତବର୍ଷର କ୍ଷତିକୁ ବି ଭରଣା କରିବେ ବୋଲି ଚାଷୀମାନେ ଆଶା କରିଥିଲେ। ହେଲେ ସବୁ ଆଶା ସବୁ ସ୍ୱପ୍ନ ଧୂଳିସାତ ହୋଇଗଲା। ପୁଣି ଥରେ ଗତବର୍ଷ ଭଳି ରୋଗ ବ୍ୟାପିବା ଆରମ୍ଭ କରିଛି। ଏବେ ଧାନ ଥୋଡ଼ ବାହାରି ସାରିଥିବା ୧୦ ଏକରରୁ ଊର୍ଦ୍ଧ୍ୱ ଜମିର ଧାନ ଅଗାଡି ହୋଇସାରିଲାଣି। କେନ୍ଦ୍ର କିମ୍ବା ରାଜ୍ୟସ୍ତରରୁ କୌଣସି ବିଶେଷଜ୍ଞ ଟିମ୍ କିମ୍ବା କୃଷି ବୈଜ୍ଞାନିକ ଏ ଅଞ୍ଚଳରେ ପହଞ୍ଚି ସମାଧାନର ବାଟ ବାହାର ନ କଲେ ଶହ ଶହ ଏକର ଜମି ବରବାଦ ହୋଇଯିବା ନିଶ୍ଚିତ ବୋଲି ୨ ଗ୍ରାମର ଚାଷୀ ପଦ୍ମଲୋଚନ ଉପାଧ୍ୟାୟ, ନାରାୟଣ ଉପାଧ୍ୟାୟ, ଗଦାଧର ଉପାଧ୍ୟାୟ, ସୁଦର୍ଶନ ଉପାଧ୍ୟାୟ, ଚନ୍ଦ୍ରଶେଖର ଉପାଧ୍ୟାୟ, ଶାନ୍ତିଲତା ପଣ୍ଡା, କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ସୁରେନ୍ଦ୍ର ଉପାଧ୍ୟାୟ, ସନାତନ ବାରିକ, ମଙ୍ଗଳ ବାରିକ, ଘନଶ୍ୟାମ ମହାକୁଡ଼, ଗୌରହରି ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

> “ଚାଷୀମାନେ ଅଭିଯୋଗ କରିବା ପରେ ସେ ନିଜେ ଏବଂ ତାଙ୍କ ସହିତ ଶସ୍ୟ ସୁରକ୍ଷା ଅଧିକାରୀ ସୁଦାମ ଚରଣ ନାୟକ, ସୋର କ୍ଷେତ୍ର ବିଜ୍ଞାନୀ ଶ୍ରୀଧର ଦାସ, ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ନାୟକ ପ୍ରମୁଖ ଚାଷଜମି ବୁଲି ଦେଖିଥିଲେ। ରୋଗ ଠିକ ନିରୂପଣ କରାଯାଇ ପାରୁ ନ ଥିଲେ ହେଁ ଏହା ବୀଜାଣୁଜନିତ କେନ୍ଦାପୋଡା ରୋଗ ବୋଲି ସନ୍ଦେହ କରାଯାଉଛି। ପରୀକ୍ଷା ପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ନମୁନା ପଠାଯାଇଛି।
>
> **- ବାସୁଦେବ ଶତପଥୀ, ସହକାରୀ କୃଷି ଅଧିକାରୀ**

> “ଗତବର୍ଷ କେଉଁ କାରଣରୁ ଚାଷୀମାନେ କ୍ଷତିପୂରଣ ପାଇଲେ ନାହିଁ ତାହା ସେ ବୁଝିବେ। ଏବର୍ଷ ରୋଗ ଲାଗିବା କଥା ଯାହା କୁହାଯାଉଛି ଧାନକଟା ପରେ କେତେ ପ୍ରତିଶତ କ୍ଷତି ହେଇଛି ତାହା ଜଣାପଡ଼ିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।
>
> **- ପ୍ରଦୀପ ସାହୁ, ତହସିଲଦାର, ଖଇରା**

> “ଚାଷୀମାନେ କ୍ଷତିପୂରଣ ନ ପାଇବା ସମ୍ପର୍କରେ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ। ବାକି ଏ ବର୍ଷର ରୋଗପୋକର ନିରାକରଣ ପାଇଁ ସେ ବିଭାଗ ସହ ଯଥାସମ୍ଭବ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ।
>
> **- ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଧାୟକ, ସିମୁଳିଆ**

## ସଂକ୍ଷେପରେ

### ଭୋଗରାଇରେ ମା' ଲକ୍ଷ୍ମୀଙ୍କୁ ଆରାଧନା

**ଭୋଗରାଇ, ୨୪।୧୦ (ଡି.ଏନ.ଏ.):** ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରେ ସମ୍ପଦଦାତ୍ରୀ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଛି। ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଚନ୍ଦନେଶ୍ୱର ବିଚିତ୍ରପୁର, ଭୋଗରାଇହାଟ, ଦେଉଳାହାଟ, ଜଳସୋହରିଆ ପାନମାର୍କେଟ, ଚୌକି ବଜାର, ଥାନାଛକ, ବାଉଁଶଡିହା, କମର୍ଦ୍ଦା ଆଦି ସ୍ଥାନଗୁଡ଼ିକରେ ସାର୍ବଜନୀନ ମା'ଙ୍କ ପୂଜାର୍ଚ୍ଚନା ହେଉଛି। ସାର୍ବଜନୀନ ପୂଜାମଣ୍ଡପଗୁଡ଼ିକରେ ଆକର୍ଷଣୀୟ ମୂର୍ତ୍ତି, ତୋରଣ, ରଙ୍ଗୀନ ବିଦ୍ୟୁତ୍ ଆଲୋକ ସାଜସଜ୍ଜା ଯୋଗୁ ପୁରପଲ୍ଲୀ ଉତ୍ସବମୁଖର ହୋଇଛି। ବିଭିନ୍ନ ସ୍ଥାନରେ ମେଳା ବସିଛି। ଚୌକି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମେଳାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସଧାଂଶୁ ଜେନା, ଅଶୋକ ପଣ୍ଡା, କୁଞ୍ଜବିହାରୀ ଆଧେକ ପ୍ରମୁଖ କହିଛନ୍ତି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

### ସୋରରେ କୁମାର ଉତ୍ସବ

**ସୋର, ୨୪।୧୦(ଡି.ଏନ.ଏ.):** ସୋର ବ୍ଲକ ଜଡ଼ିଦା ପଞ୍ଚାୟତର ଭରଡ଼ାପଦା ଗ୍ରାମରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ଇନ୍ଦ୍ର ପୂର୍ଣ୍ଣିମା ଠାରୁ ଗ୍ରାମରେ ଝିଅମାନେ ତୁଳସୀ ଚଉରା ମୂଳେ ଗୋବରରେ ଲିପାପୋଛା କରି ପୂଜା କରିଥାନ୍ତି। ଏହି ଅବସରରେ ଜହ୍ନିଫୁଲ ଓ ପତ୍ରରେ ବିଭିନ୍ନ ଚିତ୍ର ଅଙ୍କିଥାନ୍ତି। ସନ୍ଧ୍ୟାରେ ତୁଳସୀ ଚଉରା ମୂଳେ ପୂଜା କରାଯାଇ ଭୋଗ ଲଗାଯାଇଥାଏ। କୁମାର ପୂର୍ଣ୍ଣମୀ ଦିନ ବଡ଼ିଭୋର ଗ୍ରାମ ପୋଖରୀରୁ କଳସ ବୁଡ଼ାଯାଇ ଚଉରା ମୂଳେ ରଖାଯାଇଥାଏ। ସନ୍ଧ୍ୟାରେ ବ୍ରାହ୍ମଣ ଦ୍ୱାରା ପୂଜା କରାଯାଇଥାଏ। କଇଁଫୁଲରେ ବିଭିନ୍ନ ଚିତ୍ର ସହିତ ଘର ଅଙ୍କାଯାଇଥାଏ। ଏହି ଅବସରରେ ଗ୍ରାମର ଯୁବତୀମାନେ କୁମାର ବନ୍ଦନା ବୋଲିଥିଲେ। ଗ୍ରାମର ଜ୍ୟୋତ୍ସ୍ନାରାଣୀ ବେହେରା, ସୌଦାମିନି ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ ହେଉଛି। ସେହିପରି ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଗୁହାରିଆ ସାହି ଗ୍ରାମରେ ଝିଅମାନଙ୍କ ଦ୍ୱାରା କୁମାର ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ କୁମାର ଉତ୍ସବ ଓ ଲକ୍ଷ୍ମୀପୂଜା ଅବସରରେ ଭଜନ, କୀର୍ତ୍ତନ, ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର




**ଖଇରା, ୨୪।୧୦(ଡି.ଏନ.ଏ.):** ଖଇରା ବ୍ଲକ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ମନୋରମା ରାଉତ ଯୁକ୍ତ ୨ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଅନ୍ୟତମ ତାଲିମଦାତା ମମତା ସାମଲ ଯୁକ୍ତ ୩ ଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଗଗନ ବିହାରୀ ରାଉତ, ଦେବେନ୍ଦ୍ର ରାଉତ, ଅଧ୍ୟାପିକା ଫୁଲମଣି ଦେଇ, କବିତା ବଳବନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଗରସଙ୍ଗ ଚାମ୍ପିୟନ

**ଖଇରା, ୨୪।୧୦(ଡି.ଏନ.ଏ.):** ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଖଇରା ବ୍ଲକ ବରଦାଠାରେ ଗତ ୫ଦିନ ଧରି ଚାଲିଥିବା ମା' ଭଗବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗରସଙ୍ଗ, ଭଦ୍ରକ, ବରପଦା, ଆଗରପଡା, ନାଲଗିରା, ତଳାଙ୍ଗ, ସାଲୋ ଓ ସାହୁପଡା ଭଳି ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ବୁଧବାର ଫାଇନାଲ ମ୍ୟାଚରେ ଭଦ୍ରକ ଏକାଦଶ ଗରସଙ୍ଗ ଏକାଦଶକୁ ଭେଟିଥିଲା। ଏଥିରେ ଗରସଙ୍ଗ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ପରିକ୍ଷିତ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ସୁଧାକର ପଣ୍ଡା ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସଅପ ଦଳକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ।

## ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ



ଯାତ୍ରୀ ବିଶ୍ରାମାଗାରକୁ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଖଇରା,୨୪।୧୦(ଡି.ଏନ.ଏ)

୨ବର୍ଷ ତଳେ ସୋର–କୁପାରୀ ରାଜ୍ୟ ରାଜପଥ ନିର୍ମାଣ ପାଇଁ ଖଇରା ବ୍ଲକର ଗଣ୍ଡିବେଡ ବଜାର ଦୋକାନଗୁଡିକୁ ଭାଙ୍ଗିବା ସହ ଯାତ୍ରୀ ବିଶ୍ରାମାଗାର ଭାଙ୍ଗି ଦିଆଯାଇଥିଲା। ୨ବର୍ଷ ଧରି ଯାତ୍ରୀମାନେ ଖରା, ବର୍ଷା, ଶୀତ କାକରରେ ବାହାରେ ଛିଡା ହୋଇ ବସ୍‌ରେ ଯାତାୟାତ କରୁଥିଲେ। ଏଥିପାଇଁ ବିଧାୟକ ପାଣ୍ଠିରୁ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲାପରିଷଦ ସଭ୍ୟ ଜୟନ୍ତୀ ମହଲା, ସରପଞ୍ଚ ସୁଶାନ୍ତ ମହାକୁଡ, ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଅତିଥିମାନେ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଅନୁଷ୍ଠିତ ପଦଯାତ୍ରାରେ ଯୋଗ ଦେଇଥିଲେ।

## ମନମୋହିଲା ନାଟକ 'ମିଛ ସିନ୍ଦୂର'

ଖଇରା, ୨୪।୧୦(ଡି.ଏନ.ଏ.)

ମା'ଙ୍କୁ ମେଲାଣି ଦେବା ଅବସରରେ ଗୋଳିହା ଚଣ୍ଡିମାତା ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଖଇରା ବ୍ଲକର ପତିରାଜପୁର ମେଳା ପଡ଼ିଆରେ ନାଟକ 'ମିଛ ସିନ୍ଦୂର' ମଞ୍ଚସ୍ଥ ହୋଇଯାଇଛି। ନିରଞ୍ଜନ ମହାରଣା ନିର୍ଦ୍ଦେଶନା ଓ ମାଷ୍ଟର ଦୁର୍ଯୋଧନ ନାୟକଙ୍କ ପ୍ରଯୋଜନାରେ ଶନିବାର ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ରମଣୀ ରଞ୍ଜନ ନାୟକ, ଉଦ୍ଧବ ଘଡ଼େଇ, ଅକ୍ଷୟ ହାତୀ, ଅପୂର୍ବ ରାଉତ, ନିର୍ମଳ ସେଠୀ, ଉଦୟ ବେହେରା ପ୍ରମୁଖ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ନାଟକର ଲେଖକ ନିହାର ରଞ୍ଜନ ମହାନ୍ତି।



ନାଟକ 'ମିଛ ସିନ୍ଦୂର'ର ଏକ ଦୃଶ୍ୟ।

## କମଳାକାନ୍ତଙ୍କ ବିୟୋଗରେ ଶୋକ

ସୋର, ୨୪।୧୦(ଡି.ଏନ.ଏ.)

ସୋରରେ ଖବରକାଗଜ ବିତରକ କମଳାକାନ୍ତ ରାଉତଙ୍କ ବିୟୋଗରେ ସୋର ହକର ସଂଘ ତରଫରୁ ଶୋକ ପାଳନ କରାଯିବା ସହିତ ସୋର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଦିନକ ପାଇଁ ସମସ୍ତ ଖବରକାଗଜ ବିତରଣ ବନ୍ଦ ରଖାଯାଇଥିଲା। ସ୍ୱର୍ଗତ ରାଉତଙ୍କ ମାଣିପୁର ପାଟୁଳିଦା ବାସଭବନରେ ବିତରକମାନେ ପହଞ୍ଚି ଅନ୍ତିମ ସତ୍କାରରେ ଯୋଗଦେବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବିଗତ ୪୦ବର୍ଷ ଧରି ସେ ଗ୍ରାମାଞ୍ଚଳରେ ଜଣେ ଦାୟିତ୍ୱ ସମ୍ପନ୍ନ ଖବରକାଗଜ ବିତରକ ଥିଲେ। ତାଙ୍କ ଅକାଳ ବିୟୋଗରେ ସୋର ପ୍ରେସ୍ କ୍ଲବ ତରଫରୁ ସଭାପତି ନନ୍ଦ କିଶୋର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଶୋକ ପାଳନରେ ବିତରକ ବସନ୍ତ କୁମାର ବେହେରା, ଚନ୍ଦନ ବେହେରା, ବିଟୁ ଘୋଷ, ସେକ୍ କମଲ ଖାନ୍, ସେକ୍ ରାଜା, ସେକ୍ ଜିଶାନ, ରଥ ସିଂ, ଚକ୍ରଧର ବେହେରା, ଗୁଟୁ, ବୀରେନ୍ଦ୍ର ପ୍ରଧାନ, ରୋହିତ ମହାପାତ୍ର, ସୁକୁମାର ମହାପାତ୍ର, ମାନସ ଧଡ଼ା, ରମା ମଣ୍ଡଳ, ଜଗନ୍ନାଥ ଦାସ, ସେକ୍ ମୁନ୍ନା, ରଞ୍ଜନ ନନ୍ଦୀ, ସେକ୍ ଆଲ୍ଲୀ ହୋସେନ ଓ କରୁଣାକର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।




ବାଲେଶ୍ୱର ବଣିକ ମହାସଂଘ ପକ୍ଷରୁ ଅର୍ଥରାଶି ଜିଲାପାଳଙ୍କୁ ଦିଆଯାଉଛି।

## ତିତ୍‌ଲି ପ୍ରପୀଡ଼ିତଙ୍କୁ ବଣିକ ସଂଘର ସହାୟତା

ବାଲେଶ୍ୱର ଅଫିସ, ୨୪।୧୦

ବାଲେଶ୍ୱର ବଣିକ ମହାସଂଘ ତରଫରୁ ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରପୀଡିତଙ୍କ ସହାୟତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥରାଶି ପ୍ରଦାନ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ବୁଧବାର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚି ୭୧ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ସଂଘ କର୍ମକର୍ତ୍ତାଙ୍କ ଏତାଦୃଶ୍ୟ କାର୍ଯ୍ୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନକୁ ପ୍ରେରଣା ଯୋଗାଇବ ବୋଲି ଜିଲାପାଳ ରାଉତ କହିଛନ୍ତି। ଜିଲାପାଳଙ୍କୁ ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ ସମୟରେ ବଣିକ ମହାସଂଘର ସଭାପତି ଅଜୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ରଞ୍ଜନ ବାଗଙ୍କ ସମେତ ମୋତିଗଞ୍ଜ ବିପଣୀ ଉନ୍ନୟନ କମିଟି, ଫ୍ଲାଏଓଭର ମାର୍କେଟ ବଣିକ ସଂଘ, ସହଦେବଖୁଣ୍ଟା ବଣିକ ସଂଘ, ଫାଣ୍ଡିଛକ ବନଦୁର୍ଗା ମାର୍କେଟ କମ୍ପ୍ଲେକ୍ସ, ନୂଆବଜାର ପେରିସେବଲ ଗୁଡ୍‌ସ ମର୍ଚ୍ଚାଣ୍ଟ ଆସୋସିଏଶନର କର୍ମକର୍ତ୍ତା ଚନ୍ଦନ ଭୂୟାଁ, ଭାଗୀରଥି ବେହେରା, ଶରତ ନାୟକ, ଅଜୟ ମହାପାତ୍ର, ପବନ ଶାହା, ମାନିକ ଚକ୍ରବର୍ତ୍ତୀ, କେ.ରାଜାରାଓ, ପଦ୍ମଲୋଚନ ମହାନ୍ତି, ରାଜେନ୍ଦ୍ର ଚାଟାର୍ଜୀ ଓ ରବିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨୯ରେ ବ୍ଲକ ଘେରିବ ଭାଜପା

ଭୋଗରାଇ, ୨୪।୧୦ (ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର କାର୍ଯ୍ୟକୁ ସଫଳ କରିବାରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ। ଦୀର୍ଘ ୧୮ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଭ୍ରଷ୍ଟାଚାର ଓ ଦୁର୍ନୀତିରେ ବୁଡ଼ି ରହିଛନ୍ତି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନକୁ ନବୀନ ସରକାର ବଦଳାଇ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ନାମରେ ୩୪ଲକ୍ଷ ଲୋକଙ୍କୁ ବିଜୁ ଖାଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରି ରାଜ୍ୟବାସୀଙ୍କୁ ପ୍ରତାରଣା କରିଛନ୍ତି। ହଜାର ହଜାର ବେକାର ଯୁବତୀ ଯୁବକ କର୍ମସଂସ୍ଥାନ ନ ପାଇ ବାହାର ରାଜ୍ୟକୁ ପଳାଉଛନ୍ତି। ଏହା ଓଡ଼ିଆ ସ୍ୱାଭିମାନ ପ୍ରତି ଲଜ୍ଜାଜନକ। ଗରିବ ଖଟିଖିଆ ଚାଷୀଙ୍କ ଅର୍ଥରେ ନବୀନ ସରକାର ବିଜୁ ଯୁବ ବାହିନୀ ଗଠନ କରି ପଥଭ୍ରଷ୍ଟ କରିଛନ୍ତି। ରାଜ୍ୟରେ ଚାଷ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ ସହିତ ସୁବର୍ଣ୍ଣରେଖା ବନ୍ୟା ସଂସ୍କାର ଯୋଜନା କାର୍ଯ୍ୟ କରିବା ଦିଗରେ ରାଜ୍ୟବାସୀଙ୍କୁ ନବୀନ ସରକାର ଧୋକ୍କା ଦେଇଛନ୍ତି। ଏଥିପାଇଁ ଭୋଗରାଇ ଭାଜପା ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ଆସନ୍ତା ୨୯ ତାରିଖରେ ଭୋଗରାଇ ବ୍ଲକକୁ ଘେରାଉ କରାଯିବ। ଏହାସହ ବିକ୍ଷୋଭ, ପ୍ରତିବାଦ ସଭା ଓ ଦରକାର ପଡ଼ିଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଭୋଗରାଇ ଜଳେଶ୍ୱରପୁର ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାନସଭା ପ୍ରାର୍ଥୀ ପରେଶ ଚନ୍ଦ୍ର ନାୟକ, ମଣ୍ଡଳ ସଭାପତି ସୁନୀଲ କର, ପୂର୍ବତନ ଭାଜପା ସଭାପତି ଦେବାଶିଷ ମହାନ୍ତି ପ୍ରମୁଖ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଯୁବନେତା ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ପୁସ୍ତକ ଅଧ୍ୟୟନ ପ୍ରତି ରୁଚି କମିବା ବିଡ଼ମ୍ବନା'

ବାଲିଆପାଳ, ୨୪।୧୦(ଡି.ଏନ.ଏ.)

ସାମ୍ପ୍ରତିକ ସମୟରେ ପୁସ୍ତକ ଅଧ୍ୟୟନ ପ୍ରତି ଲୋକଙ୍କର ରୁଚି କମିବା ବିଡ଼ମ୍ବନା। କମ୍ପ୍ୟୁଟର ଓ ସ୍ମାର୍ଟଫୋନକୁ ପୁସ୍ତକର ବିକଳ୍ପ ଭାବେ କେବେ ଗଣାଯାଇପାରିବ ନାହିଁ ବୋଲି ବାଲିଆପାଳ ବ୍ଲକ ଛକସ୍ଥିତ ଏସ୍‌କେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାରର ବାର୍ଷିକ ଉତ୍ସବ ଓ ଶାରଦୀୟ ବନ୍ଧୁମିଳନ ଅବସରରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ.ଅଦ୍ୱୈତ କୁମାର ପାତ୍ର ମୁଖ୍ୟଅତିଥି, ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟବକ୍ତା, ସାମାଜିକ କର୍ମୀ ସୁବାସିନୀ ଜେନା ସମ୍ମାନନୀୟ ଅତିଥି, ବାଲେଶ୍ୱର ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସଂସ୍ଥାର ମୁଖ୍ୟ କାଳିପଦ ପଣ୍ଡା, ସୁସାହିତ୍ୟକ ଅଧ୍ୟାପକ ଅଶ୍ୱିନୀ ପ୍ରଧାନ, କଥାକାର ବ୍ରଜେନ୍ଦ୍ରନାଥ ଗିରି, ପୂର୍ବତନ ଜିଲା ପରିଷଦ ସଦସ୍ୟ ବଳରାମ ସାହୁ, ବାଲିଆପାଳ ଘାଟି ଆନ୍ଦୋଳନର ନେତା ଅରୁଣ ଜେନା, ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ଶ୍ୟାମପ୍ରସାଦ ବେହେରା, ଶିକ୍ଷକନେତା ନାରାୟଣ ପ୍ରସାଦ ସାହୁ, ଜ୍ୟୋତିର୍ବିଦ ତ୍ରିଲୋଚନ ଖଣ୍ଡା, ପୂର୍ବତନ ବ୍ୟାଙ୍କ ପରିଚାଳକ ସୁଧୀର ଖଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଟ୍ରଷ୍ଟ ସଭାପତି ଅଧ୍ୟାପକ ସୁକାନ୍ତ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦିକା ସୁଷମାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟର ମୁଖପତ୍ର 'ପ୍ରଜନ୍ମ'କୁ ଅତିଥିମାନେ ଏହି ଅବସରରେ ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ମାନିତ କବି କୁମାର ଚକ୍ରବର୍ତ୍ତୀଙ୍କୁ ଟ୍ରଷ୍ଟ ଓ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ବେହେରା, ସନ୍ନ୍ୟାସୀ ବେହେରା, ଅର୍ଦ୍ଧେନ୍ଦୁ ବାରିକ, ଅନିରୁଦ୍ଧ ମଣ୍ଡଳ, ନଳିନୀକାନ୍ତ ପାଢୀ, ମନ୍ମଥ ପାତ୍ର, ଅଧ୍ୟାପକ ମୀନା ଗିରି, ପ୍ରଶାନ୍ତ ଗିରି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସୁଧାଂଶୁ ଶେଖର ଜେନା, ଡ.ସିପ୍ରା ସରକାର, ଅଧ୍ୟାପକ ନିରଞ୍ଜନ ବେହେରା, ରମେଶ ଚନ୍ଦ୍ର ପ୍ରଧାନ, ଅମରେନ୍ଦ୍ର ଦାସ, ମିନତି ପଣ୍ଡା, ରାମରଞ୍ଜନ ରାଉତ, ସେକ ନିମାଜି, ସ୍ୱଚ୍ଛନ୍ଦା ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅଧ୍ୟାପିକା ସୁଦୀପ୍ତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶା ସଂଘ ଉପସଭାପତିଙ୍କୁ ସମ୍ବର୍ଦ୍ଧନା



ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଖଇରା, ୨୪।୧୦(ଡି.ଏନ.ଏ.)

ନିକଟରେ ଆଶାକର୍ମୀ ସଂଘରେ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ଖଇରା ବ୍ଲକ ସାରକୋଣା ଗ୍ରାମର ଆଶାକର୍ମୀ କୁମମଣି ଦେଇଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ କୁମମଣିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସଭାରେ ଜିଲା ଉପସଭାପତି ଅପର୍ଣ୍ଣା ପ୍ରଧାନ, ଜିଲା ସମ୍ପାଦିକା ଶକୁନ୍ତଳା ଗୋଛାୟତ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ଦେବାଶିଷ ପଟ୍ଟନାୟକ, ଖଇରା ବ୍ଲକ ସଭାପତି କନକଲତା ଜେନା, ସଭ୍ୟ ସନ୍ଧ୍ୟାରାଣୀ ସାହାଣୀ, ମିନତୀ ପଟ୍ଟନାୟକ, ନିରୂପମା ଘଡେଇ, ସୁକାନ୍ତିଲତା ବାରିକ ତଥା ଖଇରା ବ୍ଲକ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

## ଅଣଦେଖା ପ୍ରଚାରକୁ ଖଣ୍ଡନ କଲେ ବିଧାୟକ

**ସଜନାଗଡ଼, ୨୪।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀକୁ ଅଣଦେଖା କରାଯିବା ନେଇ ସୋସିଆଲ ମିଡିଆରେ ଏବେ ପ୍ରଚାର ଚାଲିଛି। ଏଭଳି ପ୍ରଚାର ଗୁଜବ ଛଡା ଅନ୍ୟ କିଛି ନୁହେଁ ବୋଲି ନୀଳଗିରି ବିଜେଡି କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟା ୭ଟା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ମିଶ୍ର, ଜିଲା ପରିଷଦ ସଭ୍ୟ ଶୁଭେନ୍ଦୁଶେଖର ଜେନା, ଏମ୍‌ପିଙ୍କ ଆଇ.ଟି.ଡି.ଏ. ପ୍ରତିନିଧି ଚିତ୍ତରଞ୍ଜନ ଚୌଧୁରୀ, ଏନଏସି ପୂର୍ବତନ ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ବିଧାୟକ ନାୟକ କହିଥିଲେ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ସୋସିଆଲ ମିଡିଆର ସାହାଯ୍ୟରେ ଏଭଳି ଅପପ୍ରଚାର କରାଯାଉଛି। ବିଗତ ଦିନରେ ଏହି ନିର୍ବାଚନମଣ୍ଡଳୀରେ ରାସ୍ତା ନିର୍ମାଣ ସାଙ୍ଗକୁ ପାନୀୟଜଳ ଯୋଗାଣ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ସାଙ୍ଗକୁ ଅନ୍ୟାନ୍ୟ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଭଳି ବିକାଶରେ ବାଧା ସୃଷ୍ଟି କରୁଥିବା ଲୋକେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନାନା ଅପପ୍ରଚାର କରୁଛନ୍ତି। ନିର୍ବାଚନମଣ୍ଡଳୀରେ କିଭଳି ବିକାଶ ଅଣାଯାଇଛି ତାହା ଜନସାଧାରଣ ଭଲ ଭାବେ ଜାଣନ୍ତି ବୋଲି ସେ କହିଥିଲେ।

## କୁମାର ପୂର୍ଣ୍ଣମୀରେ ପୁରପଲ୍ଲୀ ଉତ୍ସବମୁଖର

ଖଇରା, ୨୪।୧୦(ଡି.ଏନ.ଏ.)

ଖଇରା ବ୍ଲକର ବିଭିନ୍ନ ଗ୍ରାମରେ କୁମାରପୂର୍ଣ୍ଣମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସାରକୋଣା ପଞ୍ଚାୟତ ଅଧୀନ ଭଦଳୀ ଗ୍ରାମର ହରିହାଟ ସମ୍ମୁଖରେ ଏହି ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମ୍ପର୍ଣ୍ଣ ହୋଇଛି। ପ୍ରଥମେ ଯୁବତୀ ମାଳତି ବାରିକ, ସସ୍ମିତା ନାୟକ, ଗାୟତ୍ରୀ ବାରିକ, ବିଚିତ୍ରା ବିଶ୍ୱାଳ, ସୁମିତ୍ରା ବିଶ୍ୱାଳଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ଯୁବତୀ ମାନେ ଜହ୍ନକୁ ପୂଜା କରିବା ସହ ଫୁଲ ବଉଳବେଣୀ ଗୀତ ବୋଲିଥିଲେ। ସଂଯୁକ୍ତା ମହାପାତ୍ର, ରଞ୍ଜୁକ୍ତା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ମାଖନପୁର ପଞ୍ଚାୟତ ଅଧୀନ କାସିନ୍ଦିପୁର ଗ୍ରାମରେ ମନୋରମା ଶଙ୍ଖୁଆ, ମାମୁଲି ବେହେରାଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଥିଲା। ଏହାଛଡା ସାଉଣ୍ଠିଆ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଙ୍କୁଲ, ଚୁନୁରୀ, ପାଏଲ, କୋଏଲ ଏବଂ ମିମି ପ୍ରମୁଖଙ୍କ ନେତୃତ୍ୱରେ ଉତ୍ସବ ପରିଚାଳିତ ହୋଇଥିଲା। ନୟାଖଣ୍ଡି ପଞ୍ଚାୟତର ସୁନ୍ଦରପୁର ଗ୍ରାମରେ ମଧ୍ୟ ଏହି ଉତ୍ସବ ଜାକଜମକରେ ପାଳିତ ହୋଇଛି।



ଭଦଳୀ ଗ୍ରାମରେ ଉତ୍ସବରେ ଅଂଶଗ୍ରହଣ କରିଥିବା ଯୁବତୀ।

## ଆଜିର କାର୍ଯ୍ୟକ୍ରମ

**ଭଦ୍ରକ**

୨୫।୧୦।୧୮ରୁ ୨୯।୧୦।୧୮

- ଲକ୍ଷ୍ମୀ ନାରାୟଣ ପୂଜା, ସ୍ଥାନ:ଜଗନ୍ନାଥପୁର, ସମୟ-ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ପାଲା ପରିବେଷଣ।

## ଜେଲ ଗଲେ ଚୋରା କାଠ ଗାଡ଼ି ଡ୍ରାଇଭର



**ଭଦ୍ରକ ଅଫିସ,୨୪।୧୦:** ମଙ୍ଗଳବାର ପୁରୁଣାବଜାର ପୋଲିସ ଏକ ଚୋରା କାଠ ବୋଝେଇ ପିକଅପ ଭ୍ୟାନ (ନଂ.ଓଆର ୦୯ ଜେ ୬୯୨୧) କୁ ବାଲିଅରଡା ନିକଟରୁ ଜବତ କରି ଗାଡି ଡ୍ରାଇଭର ପୁରୁଣାବଜାର ମୁଲୁଣାସାହିର ଶେଖ ସାଫିର୍‌କୁ ଗିରଫ କରିଥିଲା। ବନ ବିଭାଗକୁ ମାମଲା ହସ୍ତାନ୍ତର ପରେ ବୁଧବାର ବିଭାଗୟ କର୍ମକର୍ତ୍ତା ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଗାଡି ଭିତରେ ଥିବା ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ କରାଯାଇଛି। ଉକ୍ତ ଚୋରା କାଠ ଗାଡି ଗେଲପୁର ଅଞ୍ଚଳରୁ ପୁରୁଣାବଜାର ନଙ୍ଗାମହଲା ଅଞ୍ଚଳକୁ ଆସୁଥିବା ବେଳେ ପୋଲିସ ଜବତ କରିଥିଲା।

## ଯୌତୁକ ନିର୍ଯାତନା: ମହିଳା ଥାନାର ଦ୍ୱାରସ୍ଥ

**ଭଣ୍ଡାରିପୋଖରୀ, ୨୪।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ନାରଣପୁର ଗ୍ରାମରେ ଜ୍ୟୋତ୍ସ୍ନା ନାୟକଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯାଜପୁର ଜିଲା ବେହେରାପାଟଣା ଗ୍ରାମର ଜ୍ୟୋତ୍ସ୍ନାଙ୍କୁ ନାରଣପୁର ଗ୍ରାମର ପ୍ରଦୀପ ବାରିକ ୨୦୧୫ ରେ ବିବାହ କରିଥିଲେ। ପରେ ବାପଘରୁ ଅଧିକ ଯୌତୁକ ଆଣିବା ଦାବି କରି ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ଘରୁ ତଡି ଦେଇଥିବା ଜ୍ୟୋତ୍ସ୍ନା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୮୧/୧୮) ରୁଜୁ କରି ତଦନ୍ତ କରୁଛି।

## ବାଇକ-କାର୍ ଧକ୍କା: ଥାନାରେ ମାମଲା

**ଭଣ୍ଡାରିପୋଖରୀ,୨୪।୧୦(ଡି.ଏନ.ଏ.):** ମଙ୍ଗଳବାର ୧୬ ନଂ ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ପାଳଦାବାଙ୍କ ଚକବନ୍ଦୀ କାର୍ଯ୍ୟାଳୟ ନିକଟରେ ଘଟିଥିବା କାର-ବାଇକ ଦୁର୍ଘଟଣାରେ ପୋଲିସ ବିକ୍ରମ ଜେନାଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ୧୮୦।୧୮) ରୁଜୁ କରି ତଦନ୍ତ କରୁଛି। କରଦା ପଞ୍ଚାୟତ କୋଳେଇପଦା ଗ୍ରାମର ନିଲୁ ଜେନା(୨୪) ମା' ମିଳି ଜେନା(୪୬) ଙ୍କୁ ବାଇକରେ ଭଣ୍ଡାରିପୋଖରୀସ୍ଥିତ ଉତ୍ତରବାଡ ଗ୍ରାମକୁ ଯିବା ପାଇଁ ରାଜପଥ ଅତିକ୍ରମ କରୁଥିବା ବେଳେ ଏକ ଅଲଟୋ କାର ସହିତ ଧକ୍କା ହୋଇଥିଲା। ଏଥିରେ ମା ପୁଅ ଆହତ ହୋଇଥିଲେ। ସେମାନଙ୍କୁ ଭଣ୍ଡାରିପୋଖରୀ ଓ ପରେ ଭଦ୍ରକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ଚିକିତ୍ସା ପାଇଁ ପଠାଯାଇଛି।

## ଜମିବାଡ଼ି ବିବାଦରୁ ମାରପିଟ: ଜଣେ ଗିରଫ

**ପଦ୍ମପୁର,୨୪।୧୦(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନାରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳଘଟି ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ କରି ଗ୍ରାମର ଜଣେ ମହିଳାଙ୍କୁ ଟଣାଘୋଷରା ଓ ମାରପିଟ କରିଥିବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ଅମର ବାରିକଙ୍କୁ ଗିରଫ କରିଛି। ପୂର୍ବରୁ ଉଭୟ ପରିବାର ମଧ୍ୟରେ ଜାଗା ବାଡିକୁ ନେଇ ବିବାଦ ଲାଗି ରହିଥିଲା। ମଙ୍ଗଳବାର ଅମର ଓ ତାଙ୍କ ସହଯୋଗୀ ଏହି ମହିଳାଙ୍କୁ ଗାଳିଗୁଲଜ କରି ଠେଙ୍ଗାରେ ପିଟିଥିବା ଅଭିଯୋଗ ହୋଇଛି। ଆହତ ମହିଳାଙ୍କୁ ଲୋକେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୫/୧୮) ରୁଜୁ ହୋଇଥିବା ଥାନାଧିକାରୀ ରତିକାନ୍ତ ଗିରି ସୂଚନା ଦେଇଛନ୍ତି।

# ଏକାଠି ହେଲେ ବିଭିନ୍ନ ସାମାଜିକ ସଙ୍ଗଠନ

## ଜୋର୍ ଧରିଲା ମଡିକାଲ କଲେଜ ପ୍ରତିଷ୍ଠା ଦାବି




ଖବରଦାତା ସମ୍ମିଳନୀରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

**ତିହିଡ଼ି,୨୪।୧୦(ଡି.ଏନ୍.ଏ.)**

ଭଦ୍ରକରେ ସରକାରୀ ମେଡ଼ିକାଲ କଲେଜ ଦାବିରେ ଆସନ୍ତା ୨୯ ତାରିଖରେ ଭଦ୍ରକ ଜିଲା ବନ୍ଦ ଡାକରା ଦିଆଯାଇଛି । ଭଦ୍ରକ ସଂଗ୍ରାମୀ ସେନା ପକ୍ଷରୁ ଦିଆଯାଇଥିବା ଏହି ଡାକରାକୁ ସଫଳ କରିବ ଲାଗି ତିହିଡ଼ିର ଜୀବନଜ୍ୟୋତି ସଙ୍ଗଠନ, ଆରସା, ତିହିଡ଼ି ଯୁବମଞ୍ଚ, ଗୋପବନ୍ଧୁ ସେବା ସଂଘ, ତିହିଡ଼ି, ପିଜି ଫାଉଣ୍ଡେସନ ତିହିଡ଼ି ଓ ଜାଗ୍ରତ ସେନା ବିଭିନ୍ନ ସାମାଜିକ ସଙ୍ଗଠନ ଅଣ୍ଟା ଭିଡିଛନ୍ତି। ବୁଧବାର ଅପରାହ୍ନରେ ସ୍ଥାନୀୟ ଟାଉନ ହଲ ପରିସରରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ଏସବୁ ସଂଗଠନର କର୍ମକର୍ତ୍ତା କହିଥିଲେ, ଦରବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ । ୨୯ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତିହିଡ଼ି ବ୍ଲକର ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ ରହିବ। ଦୋଳସାହି, ତିହିଡ଼ି, କମାରିଆ, ପୀରହାଟ ଓ ଗଦି ବଜାରରେ ସଙ୍ଗଠନର କର୍ମୀମାନେ ରହି ବନ୍ଦ ପାଳନ କରିବେ । ଚଳାଚଳ ବନ୍ଦ ରଖିବା ଲାଗି ବସ୍, ଟ୍ରକ ଓ ଟ୍ରେକର ସଂଘକୁ ଅବଗତ କରାଯାଇଛି । ବ୍ଲକର ଲୋକମାନେ ଏଥିରେ ସହଯୋଗ କରିବାକୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି । ଜୀବନ ଜ୍ୟୋତି ସଙ୍ଗଠନର ସମ୍ପାଦକ ଧୀରେନ୍ଦ୍ର ସାହୁ, ଯୁବମଞ୍ଚର ଉପଦେଷ୍ଟା ସଚୀକାନ୍ତ ନାୟକ, ସଭାପତି କୈଳାସ ବେହେରା, ସମ୍ପାଦକ ସତ୍ୟସୁନ୍ଦର ପତି, ପିଜି ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରୀତମ ଶଙ୍କର ବିଶ୍ୱାଳ, ଗୋପବନ୍ଧୁ ସେବା ସଂଘର ଆବାହକ ରାଜୀବ କୁମାର ନାୟକ, ସଂଯୋଜକ ଖଗେଶ୍ୱର ତ୍ରିପାଠୀ, ଜାଗ୍ରତ ସେନାର ସମ୍ପାଦକ ଚିତ୍ତରଞ୍ଜନ ସେଠୀ, ସେକ୍ ଲିଆକତ, ସନାତନ ସାହୁ, ରଘୁନାଥ ଜେନା, ଆଶାଦୀପ ବାରିକ, ଦେବଦତ୍ତ ପାଣିଗ୍ରାହୀ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ବନ୍ଦ ଡାକରା ପ୍ରତି ବଢୁଛି ସମର୍ଥନ

**ଭଦ୍ରକ ଅଫିସ,୨୪।୧୦:** ଭଦ୍ରକ ଜିଲାର ସାମୂହିକ ସ୍ୱାର୍ଥ ଲାଗି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବି ନେଇ ଦୀର୍ଘ ଦୁଇମାସ ଧରି ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମେଡିକାଲ କଲେଜ ସଂଗ୍ରାମୀ ସେନା ପକ୍ଷରୁ ଆଗାମୀ ୨୯ତାରିଖରେ ୧୨ ଘଣ୍ଟା ଭଦ୍ରକ ବନ୍ଦ ଡାକରା ଦିଆଯାଇଛି। ବନ୍ଦକୁ ସଫଳ କରିବା ଲାଗି ବିଭିନ୍ନ ସଂଗଠନ ସମର୍ଥନ ଜଣାଛନ୍ତି। ଜିଲା ଭାଜପା ପକ୍ଷରୁ ମଧ ସମର୍ଥନ ଯୋଗାଇ ଦିଆଯିବ ବୋଲି ବୁଧବାର ଦଳର ଜିଲା ସଭାପତି ବଦ୍ରିନାରାୟଣ ଧଳ ଏକ ପ୍ରେସ ବିଜ୍ଞପ୍ତରେ ଜଣାଇଛନ୍ତି। ବୁଧବାର ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଦଳର ଏକ ବିଶେଷ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳମତ ନିର୍ବିଶେଷରେ ସମସ୍ତ ଜିଲାବାସୀ ଏହି ଆନ୍ଦୋଳନରେ ସାମିଲ ହେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି ।



ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

## ଚିନ୍ତା ଚିନ୍ତନ ସାହିତ୍ୟ ସଂସ୍କୃତି ମଞ୍ଚର ବାର୍ଷିକ ଉତ୍ସବ

**ତିହିଡ଼ି,୨୪।୧୦(ଡି.ଏନ୍.ଏ.):** ତିହିଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଚିନ୍ତାଚିନ୍ତନ ସାହିତ୍ୟ ସଂସ୍କୃତି ମଞ୍ଚ, ତିହିଡ଼ିର ୧୩ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚର ସଭାପତି ଡ. ଲକ୍ଷ୍ମୀଧର ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଘନଶ୍ୟାମ ଧଳ, ମୁଖ୍ୟବକ୍ତା ଭାବେ ଘାସଫୁଲର ସମ୍ପାଦକ ବିଷ୍ଣୁ ସେଠୀ, ସମ୍ମାନନୀୟ ଅତିଥିଭାବେ ଅଧ୍ୟାପକ ଦେବେନ୍ଦ୍ର ପତି ଯୋଗ ଦେଇଥିଲେ । ଏହି ଅବସରରେ ପ୍ରାଧ୍ୟାପକ ଡା. ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ସାହିତ୍ୟିକ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟଙ୍କ 'ଅଇଲାଣି ବିଲେଇ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରଥମ ଅଧିବେଶନରେ କବିତା ପାଠ ଉତ୍ସବରେ ଶିକ୍ଷାବିତ ସୋମନାଥ ପାଢ଼ୀ ପୌରୋହିତ୍ୟ କରିଥିଲେ । ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ ଓ କବି ବିଜୟ ବେହେରା ସଂଯୋଜନା କରିଥିଲେ । ସମ୍ପାଦକ ନୀଳମାଧବ ସେନାପତି ବିବରଣୀ ପାଠ କରିଥିଲେ । ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ଓ କବି ଆଶୁତୋଷ କରଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପା ପକ୍ଷରୁ ଆନ୍ଦୋଳନ ଡାକରା



ଧାମନଗର ଜଳସେଚନ ଡାକ ବଙ୍ଗଳାରେ ଆହୂତ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ଧାମନଗର,୨୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଭିନ୍ନ ସରକାରୀ ଯୋଜନାକୁ ଶାସକ ବିଜେଡି ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରୁଥିବା ଅଭିଯୋଗ କରି ଭାଜପା ଆସନ୍ତା ନଭେମ୍ବର ୧ ତାରିଖରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ବୁଧବାର ଧାମନଗର ଜଳ ସେଚନ ଡାକ ବଙ୍ଗଳାରେ ଭାଜପା ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଗତ ବନ୍ୟାରେ ଆସିଥିବା ରିଲିଫ ଦଳୀୟ ଭିତିରେ ବଣ୍ଟାଯାଇଥିବା, ଭାଜପାର ପ୍ରଭାବ ରହିଥିବା ପଞ୍ଚାୟତକୁ ଏଥିରୁ ବାଦ ଦିଆଯିବା, ବ୍ଲକରେ ଠିକାଦାରମାନଙ୍କ ଠାରୁ ନିୟମିତ ପିସି ଆଦାୟ କରାଯାଇ ନିମ୍ନ ମାନରେ କାର୍ଯ୍ୟ ହେଉଥିବା ,ହିତାଧିକାରୀ ଚୟନ ସରିଥିଲେ ମଧ୍ୟ ଭତ୍ତା ପ୍ରଦାନରେ ବିଳମ୍ବ କରାଯାଉଥିବା ଆଦି ଅଭିଯୋଗ ଦଳ କରିଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ପ୍ରଦାନ ସମୟରେ ହିତାଧିକାରିଙ୍କ ଠାରୁ ଲାଞ୍ଚ ନିଆଯାଉଥିବା, ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ମିଳୁ ନ ଥିବା, ରାସନ କାର୍ଡ ପ୍ରଦାନରେ ହିତାଧିକାରୀ ଚୟନ ଦଳୀୟ ଭିତିରେ ହେଉଥିବା, ପୂର୍ବ ବର୍ଷ ଗୋପବନ୍ଧୁ ଗ୍ରାମୀଣ ରାସ୍ତା ଯୋଜନାରେ ୩୧ ପଞ୍ଚାୟତ ମଧ୍ୟରୁ ୨୦ ପଞ୍ଚାୟତକୁ ବାଦ ଦିଆଯାଇଥିବା ବେଳେ ଭତ୍ତା ଏବଂ ରାସନ କାର୍ଡ ଲୋକ ପ୍ରତିନିଧିଙ୍କ ଦ୍ୱାରା ବଣ୍ଟା ଯାଉଥିବାରୁ ଭାଜପା କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ଜିଲା ସମ୍ପାଦକ ଚତୁର୍ଭୁଜ ନାୟକ, ମଣ୍ଡଳ ସଭାପତି ଅରବିନ୍ଦ ପତି,ଅଜୟ ବଳ,ସଦାଶିବ ପୋଥାଳ,ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ, ବ୍ଲକ ମିଡିଆ ସଂଯୋଜକ ବିଜୟ ରାମ, ଅନିରୁଦ୍ଧ ସାହୁ, ଶ୍ରୀକାନ୍ତ ନାୟକ ଏବଂ ବରିଷ୍ଠ ନେତା ସୁବାସ ନନ୍ଦ ,ରମେଶ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ୩୦ରେ ବନ୍ତ ବ୍ଲକ ଘେରାଉ

**ବନ୍ତ, ୨୪।୧୦ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ବିକାଶ ଲାଗି ନାନା ପ୍ରତିଶ୍ରୁତି ଦିଆଯାଇ ପ୍ରତାରଣା କରାଯାଇଛି ବୋଲି ବୁଧବାର ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ତ୍ରିକୋଣା ଛକଠାରେ ଅନୁଷ୍ଠିତ ଏକ ବୈଠକରେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭଦ୍ରକ ଜିଲା ଭାଜପା ସଭାପତି ବଦ୍ରୀ ନାରାୟଣ ଧଳ ସଭାରେ ଯୋଗ ଦେଇ ବିଜେଡି ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତିକୁ ସମାଲୋଚନା କରି ଆଗାମୀ ୩୦ ତାରିଖରେ ଦଳପକ୍ଷରୁ ଏହାର ପ୍ରତିବାଦରେ ବନ୍ତ ବ୍ଲକ ଘେରାଉ କରାଯିବ ବୋଲି ସୂଚନା ଦେଇଥିଲେ । ଭଣ୍ଡାରିପୋଖରୀ ପ୍ରତିନିଧିତ୍ୱ କରୁଥିବା ଲୋକପ୍ରତିନିଧିଙ୍କୁ ସେ ଟାର୍ଗେଟ କରି ସେ ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ପ୍ରତି ଦାୟିତ୍ୱ ଭୁଲି ଯାଇଛନ୍ତି ବୋଲି କହିଥିଲେ । ବନ୍ତ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା ସଭାପତିତ୍ୱ କରିଥିଲେ । ମଣ୍ଡଳ ସଭାପତି ଗୌରହରି ନନ୍ଦ, ଗୋପାଳକୃଷ୍ଣ ଦାସ, ପ୍ରଦୀପ୍ତ ବିଶ୍ୱାଳ, ବନମାଳୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ନିଆରା ସାଂସ୍କୃତିକ ମିଳନ କ୍ଷେତ୍ର

**ଚାନ୍ଦବାଲି,୨୪।୧୦(ଡି.ଏନ.ଏ.)**

ସଂହତି ଓ ଭାଇଚାରାର ନିଦର୍ଶନ ବହନ କରି ଆସୁଥିବା ଭଦ୍ରକ ଜିଲାର ମତୋ ଗଜଲକ୍ଷ୍ମୀ ପୂଜା ଅଞ୍ଚଳରେ ବେଶ୍ ପ୍ରସିଦ୍ଧ ଲାଭ କରିଛି। ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଅଞ୍ଚଳବାସୀଙ୍କ ସହଯୋଗରେ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରୟାସ କରାଯାଇଛି। କୁମାର ପୂର୍ଣ୍ଣିମା ରାତିରୁ ସପ୍ତାହକ ପାଇଁ ଏଠାରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଥାଏ। ଘରଠାରୁ ଦୂରରେ ରହୁଥିବା ଆଖପାଖ ଅଞ୍ଚଳର ଲୋକ, ଶାଶୁଘରକୁ ଯାଇଥିବା ଝିଅମାନେ ଏହି ଗଜଲକ୍ଷ୍ମୀ ପୂଜା ଅବସରରେ ଘରକୁ ଆସିଥବା ପରମ୍ପରା ରହିଛି। ଏଥିଲାଗି ଅଞ୍ଚଳବାସୀଙ୍କ ଘରେ ଘରେ କୁଣିଆ ମଇତ୍ର ଓ ପରିଜନଙ୍କ ଭିଡ ଲାଗିଛି।

ମତୋ ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ଏଠାରେ ଗଜଲକ୍ଷ୍ମୀଙ୍କ ବ୍ୟତୀତ ପୌରାଣିକ କଥା ଓ ସାମାଜିକ ସମସ୍ୟା ସମ୍ବଳିତ ପାର୍ଶ୍ୱମୂର୍ତ୍ତି ତିଆରି ହୋଇଛି। ଚଳିତବର୍ଷ ପାର୍ଶ୍ୱମୂର୍ତ୍ତି ମଧ୍ୟରେ କିଚକବଦ୍ଧ, ମାୟାମୃଗ, ଲବଣଚୋରି ସାଙ୍ଗକୁ ରାଣୀତାଳର ସ୍କୁଲ ଛାତ୍ରୀଛାତ୍ରଙ୍କ ଉପରେ ଟ୍ରକ ମାଡ଼ିଯିବାର ଦୃଶ୍ୟ ସମ୍ବଳିତ ମୂର୍ତ୍ତି ତିଆରି ହୋଇଛି। ବିଭିନ୍ନ ରଙ୍ଗିନ ଆଲୋକର ସାଜସଜ୍ଜା, ସୁଉଚ୍ଚ ତୋରଣ ପୂଜାମଣ୍ଡପଗୁଡିକର ଶୋଭା ବଢାଇଛି। ଏଥର ସାଂସ୍କୃତି କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପାଗ ଭଲ ରହିଥିବାର ପୂଜା ଲାଗି ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଚଳିତବର୍ଷ ପୂଜାରେ ଅଧିକ ଭିଡ ହେବା ସମ୍ଭାବନା ଥିବାରୁ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ କଡାକଡି କରାଯାଇଛି।

ପୂଜା ପ୍ରାରମ୍ଭରେ ମା'ଙ୍କ ଘଟୋତ୍ତଳନ କରାଯାଇ ସ୍ନାନ ମଣ୍ଡପରେ ବିଧିମତେ ସ୍ଥାପନ ପରେ ପାରମ୍ପରିକ ରୀତିରେ ମଧ୍ୟରାତ୍ରରେ ପୂଜା ଅନୁଷ୍ଠିତ ହେବ । ସାତ ଦିନଧରି ମା'ଙ୍କର ଦୈନିକ ଷୋଡ଼ଶ ଉପଚାର ପୂଜା ସହିତ ନୀତି, ନୈବେଦ୍ୟ, ଆଳତି ଆଦି ପାରମ୍ପରିକ ରୀତିରେ କରାଯିବ ବୋଲି କମ ;କର୍ତ୍ତାମାନେ ସୂଚନା ଦେଇଛନ୍ତି। ଚାନ୍ଦବାଲି ବ୍ଲକର ୨୫ରୁ ଅଧିକ ପଞ୍ଚାୟତ ସମେତ ପଡ଼ୋଶୀ ତିହିଡ଼ି, ବାସୁଦେବପୁର ଓ ରାଜକନିକା ଅଞ୍ଚଳରୁ ବହୁ ଲୋକ ଓ ବ୍ୟବସାୟୀଙ୍କର ସମାଗମ ମତୋରେ ହେଉଥିବାରୁ ଏହା ଏକ ସାଂସ୍କୃତିକ ମିଳିନ କ୍ଷେତ୍ରରେ ପରିଣତ ହୋଇଛି। ଉଲ୍ଲେଖନୀୟ ଯେ, ପ୍ରସିଦ୍ଧ ନାଟ୍ୟକାର ନବ କୁମାର ସାହୁଙ୍କ ଘର ମତୋ ଗ୍ରାମରେ। ତାଙ୍କ ରଚିତ ନାଟକ 'ଲୌହମାନବ' ଇଂରାଜୀ ଭାଷାରେ ରୂପାନ୍ତର ହୋଇଛି। ଏହି ପୁସ୍ତକକୁ ଏବେ ଆମେରିକାନ ଲାଇବ୍ରେରୀରେ ରଖାଯାଇଛି। ସେ ପିଲାଦିନେ ସାଙ୍ଗମାନଙ୍କ ସହ ମିଶି ମତୋର ଗଜଲକ୍ଷ୍ମୀ ପୂଜା ଆରମ୍ଭ କରିଥିଲେ। ସମବୟସୀ ପିଲାମାନେ ନିଜ ହାତଖର୍ଚ୍ଚ କାଟି ଏହି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ଏହାକୁ ଏକ ସାର୍ବଜନୀନ ପୂଜା ଭାବେ ପାଳନ କରାଯାଇ ଆସୁଛି। ସ୍ଥାନୀୟ ଲୋକ, ବ୍ୟବସାୟୀଙ୍କ ଆର୍ଥିକ ସହଯୋଗରେ ଏହି ପୂଜା ପ୍ରତିବର୍ଷ ପାଳିତ ହେଉଛି। ମତୋ ପଞ୍ଚାୟତର ବିଭିନ୍ନ ପୋଖରୀ, ସଇରାତ ନିଲାମରୁ ମଧ କିଛି ଅର୍ଥ ଏହି ପୂଜାରେ ମଧ ଖର୍ଚ୍ଚ ହୋଇଥାଏ।

### ଗଜଲକ୍ଷ୍ମୀପୂଜା ପାଇଁ ମତୋ ଉତ୍ସବମୁଖର

- ୭୦ବର୍ଷରେ ପଦାର୍ପଣ କରିଛି ପୂଜା
- ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

## 'ସମୟାନୁବର୍ତ୍ତିତାର ପୂଜାରୀ ଥିଲେ ରାଖାଲ ଦାସ'

**ଭଦ୍ରକ ଅଫିସ,୨୪।୧୦**

ବରିଷ୍ଠ ଅଧିବକ୍ତା ସ୍ୱର୍ଗତ ରାଖାଲ ଚନ୍ଦ୍ର ଦାସଙ୍କ ବିୟୋଗରେ ଚରମ୍ପା ସ୍ଥିତ ହୋଟେଲ ଅଭିନନ୍ଦନ ଠାରେ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଓ ଜିଲା ସଂଘର୍ଷ ସମିତି ପକ୍ଷରୁ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ସଂସ୍କୃତି ମଞ୍ଚର ସଭାପତି ତଥା ଜିଲା ସଂଘର୍ଷ ସମିତିର ଅଧ୍ୟକ୍ଷ ନିରାକାର ଜେନା ଏଥିରେ ସଭାପତିତ୍ୱ କରି କହିଥିଲେ, ସ୍ୱର୍ଗତ ରାଖାଲ ଚନ୍ଦ୍ର କେବଳ ଆଇନ ବିଶାରଦ ଭାବେ ନୁହନ୍ତି ସମୟାନୁବର୍ତ୍ତିତାର ପୂଜାରୀ ଭାବେ ପରିଚିତ ଥିଲେ। ସଭାରେ ସାହିତ୍ୟ ସଂସ୍କୃତି ମଞ୍ଚର ଉପସଭାପତି ଶରତ ଚନ୍ଦ୍ର ମହାନ୍ତି, ବାବୁଲାଲ ଦାସ, ସୀତାକାନ୍ତ



ଶୋକସଭାରେ ଉପସ୍ଥିତ ନେତୃବୃନ୍ଦ।

ଦାସ, ଗଗନ ବିହାରୀ ରାଉତ, କାଳନ୍ଦୀ ଦାସ, ସତ୍ୟବାନ ସାହୁ, ସଂଘର୍ଷ ସମିତିର ନେତୃମଣ୍ଡଳୀ ଆଇନଜୀବୀ ଗିରିଧାରୀ ନାଥ, ଅଧିବକ୍ତା ଅଗଣୀ ଚରଣ ଜେନା, ବିଜୟ ରାଉତ, ରାକେଶ ପଣ୍ଡା, ଖଗେଶ୍ୱର ବଳ, ଶିଶିର କୁମାର ମିଶ୍ର, ଯୁବନେତା ବିକାଶ ଜେନା ପ୍ରମୁଖ ରାଖାଲ ଦାସଙ୍କ ବୃତ୍ତିଗତ ସଫଳତା, ସାଧୁତା ଏବଂ ପରୋପକାରିତା ସଂକ୍ରାନ୍ତରେ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ନୀରବପ୍ରାର୍ଥନା କରାଯାଇଥିଲା।

## ପୂଜା ପାଇଁ ଝଲସୁଛି ବେତଡା

**ବାସୁଦେବପୁର, ୨୪।୧୦ (ଡି.ଏନ.ଏ.):** ବାସୁଦେବପୁର ଅଞ୍ଚଳର ପ୍ରସିଦ୍ଧ ବେତଡା ବଜାର ଅଞ୍ଚଳ ଗଜଲକ୍ଷ୍ମୀ ପୂଜା ଲାଗି ଉତ୍ସବମୁଖର ହୋଇ ଉଠିଛି। ବେତଡା ବଜାର ରେ ୪ ପୂଜା ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ହୋଇଛି। ବଜାର ମଧ୍ୟଭାଗରେ ଥିବା ସର୍ବ ପୁରାତନ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମା' ଲକ୍ଷ୍ମୀ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସାଙ୍ଗକୁ ତୋରଣ ଓ ରଙ୍ଗିନ ଆଲୋକ ସାଜସଜ୍ଜା ଆଖି ଝଲସାଉଛି। କଚେରି ବଜାର, କେନାଲ ଆଡିର ତାରିଣୀ ବଜାର ଓ ଗୋରୁହାଟ ପଡିଆରେ ମଧ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ସାଜସଜ୍ଜା ହୋଇଛି।ଧାମରାରୋଡରେ ଗଜଲକ୍ଷ୍ମୀ ପୂଜା ସାଙ୍ଗକୁ ଗୁଆଗଡିଆ ପଞ୍ଚାୟତର କମାର ଗାଁ ହାଟ, ଭୈରବପୁରରେ ଲକ୍ଷ୍ମୀପୂଜା ପାଳନ କରାଯାଉଛି।

## 'ଫୁଲ ବେଉଳବେଣୀ'ରେ କମ୍ପିଲା ଗାଁ ଦାଣ୍ଡ



କୁମାରୀ ମାନେ ଚଉଁରା ପାଖରେ ବନ୍ଦାପନା କରୁଛନ୍ତି।

**ବନ୍ତ,୨୪।୧୦(ସ୍ୱ.ପ୍ର.)**

କୁମାର ପୂର୍ଣ୍ଣମୀରେ ଜହ୍ନ ବନ୍ଦାଣ ଓ କୁମାରୋତ୍ସବ ପାଳନ ଲାଗି ବିଭିନ୍ନ ଗାଁଗଣ୍ଡାର ପରିବେଶ ଉତ୍ସବମୁଖର ହୋଇ ଉଠିଛି। ବିଭିନ୍ନ ସ୍ଥାନରେ ଗଜଲକ୍ଷୀ ପୂଜା ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ମନ ମୋହୁଛି। ସହର ବଜାରରେ ଆଧୁନିକତାର ପ୍ରଭାବରେ ଆଗଭଳି ଫୁଲ ବଉଳ ବେଣୀ ଗୀତ ସ୍ୱର ଶୁଭୁ ନ ଥିବା ବେଳେ ଗାଁର କୁଆଁରୀ ଝିଅମାନେ ଏହି ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି । ବୁଧବାର ସନ୍ଧ୍ୟାରେ ଭଦ୍ରକ ଜିଲା ବନ୍ତ ବ୍ଲକର ଗ୍ରାମାଞ୍ଚଳର କୁମାରୀମାନଙ୍କ ଚାନ୍ଦ ପୂଜା ସାଙ୍ଗକୁ ଫୁଲବଉଳ ବେଣୀ ଗୀତରେ ଗାଁଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା । ଏଥିଲାଗି ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କୁମାର ପୂର୍ଣ୍ଣମୀ ଉତ୍ସବ ପାଳନ ଲାଗି କୁମାରୀମାନେ ମଖ୍ୟତଃ ଦଶହରାଠାରୁ ଖାଦ୍ୟପେୟରେ ନିଷ୍ଠାର ସହ ବିଭିନ୍ନ ବାରଣ ରଖି ଏକୁ ପାଳନ କରିଥାନ୍ତି। ପ୍ରତ୍ୟେକ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ସେମାନେ ଗାଧୋଇ ଦାଣ୍ଡରେ ଥିବା ଚଉଁରାକୁ ଦଳବଦ୍ଧ ଭାବେ ପୂଜା କରନ୍ତି । ସନ୍ଧ୍ୟାରେ କଇଁ ଫୁଲରେ ଚଉଁରାକୁ ସଜେଇ କୁମାର ପୂର୍ଣ୍ଣମୀ ବହି ଧରି ବିଭିନ୍ନ ସ୍ୱରରେ ଗୀତ ବୋଲିଥାନ୍ତି । ଓଷାର ପୂର୍ବଦିନକୁ ବଡଘର କୁହାଯାଏ । ଏହି ବଡଘର ଓ କୁମାର ଓଷା ଦୁଇଦିନ ଚଉଁରାକୁ ରଙ୍ଗବେରଙ୍ଗର କାଗଜ ଫୁଲ ଓ ଆଲୋକମାଳାରେ ସାଜସଜା କରି ସମସ୍ତେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି । ସନ୍ଧ୍ୟାରେ ଜହ୍ନ ଆସିବା ପରେ ସେମାନେ ବନ୍ଦାଣ ଥାଳି ଧରି ଜହ୍ନକୁ ବନ୍ଦାପନା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗୀତ ଗାଇଥାନ୍ତି। ବୁଧବାର ରାତିରେ ଫୁଲ ବଉଳ ବେଣୀ ଗୀତରେ ଝୁମି ଉଠିଥିଲା ପରିବେଶ । ଏହି ଓଷାରେ କୁମାରୀମାନେ ପରମ୍ପରା ଅନୁଯାୟୀ ମଣ୍ଡାପିଠା ଓ ଖଇ ଭୋଗ ଲଗାଇଥିଲେ। ସମସ୍ତେ ଭେଦଭାବକୁ ଭୁଲି ଭବିଷ୍ୟତ ଜୀବନର ମଙ୍ଗଳ କାମନା କରିବା ପାଇଁ ଏକତ୍ରହୋଇ ଖୁସି ମନାଇଥିଲେ। ସାମରଜିକ ସମ୍ପର୍କ ସୃଷ୍ଟିକ୍ଷେତ୍ରରେ ଏହି ପର୍ବର ମହତ୍ୱ ନିଆରା ବୋଲି ପୁରୁଖା ଲୋକେ କହିଛନ୍ତି।

## ହଜିଗଲାଣି ଗଲାଦିନର ମଉଜ



ମା' ବୃନ୍ଦାବତଙ୍କ ନିକଟରେ କୁମାରୀମାନେ ଚାନ୍ଦପୂଜା କରୁଛନ୍ତି।

**ଭଣ୍ଡାରୀ ପୋଖରୀ, ୨୪।୧୦ (ଡି.ଏନ୍.ଏ.)**

ଭଦ୍ରକ ଜିଲାର ଭଣ୍ଡାରୀ ପୋଖରୀ ଅଞ୍ଚଳ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଲାଗି ଉତ୍ସବମୁଖର ହୋଇ ଉଠିଛି। ଗ୍ରାମାଞ୍ଚଳର କୁମାରୀ ଝିଅମାନେ ବୁଧବାର ସନ୍ଧ୍ୟାରେ ଚାନ୍ଦ ବନ୍ଦାପନା କରିଥିଲେ। ସେମାନେ ନୂଆ ବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରିଥିଲେ। ତେବେ ଆଗଭଳି କୁମାର ପୂର୍ଣ୍ଣିମାର ପାଳନର ସରସତା ଆଉ କେଁଠି ଦେଖିବାକୁ ମିଳୁ ନାହିଁ । ଗାଁ ଗହଳିରେ ପରମ୍ପରା କେତେକାଂଶରେ ବଞ୍ଚି ରହିଥିଲେ ବି ପୁଚି ଖେଳ ଓ ବଉଳବେଣୀ ଗୀତ ଗାଇ ଉତ୍ସବ ପାଳିବା ମଉଜ ଆଉ ଦେଖିବାକୁ ମିଳୁ ନାହିଁ । ଗାଁ ଚଉରା ନିକଟରେ ଝୋଟିରେ ଚିତ୍ର ଆଙ୍କି କୁମାରୀମାନେ ଆଗରୁ କଳା ସଂସ୍କୃତିର ଝଲକ ପ୍ରଦର୍ଶନ କରୁଥିଲେ। ଜହ୍ନ, କାକୁଡି ଓ କଇଁ ଫୁଲରେ ଶୋଭା ପାଉଥିଲା ଚଉଁରା । ଏହି ପରମ୍ପରା କ୍ରମେ ହଜିଯିବାକୁ ବସିଲାଣି। କେବଳ କାମଚଳା ନ୍ୟାୟରେ ବିଧି ପାଳନ କରାଯାଉଛି। ସହରୀ ଜୀବନରେ କୁମାର ଉତ୍ସବର ସେମିତି ଉଲ୍ଲାସ ଆଉ ଦେଖିବାକୁ ମିଳୁ ନାହିଁ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଅକ୍ଟୋବର ୨୫/୨୦୧୮ Balasore, Thursday, October 25/ 2018

# ବେଆଇନ ସ' ମିଲ୍‌ରେ ଚଢ଼ାଉ

- ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ
- ସାରା ଜିଲାରେ ଖୁଲମଖୁଲା ଚାଲିଛି ଚୋରାକାଠ ବେପାର

**ଭଣ୍ଡାରିପୋଖରୀ, ୨୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଡାପଦା ନିକଟରେ ବେଆଇନ ଭାବେ ଚାଲୁଥିବା ଏକ କରତକଳ ଉପରେ ବୁଧବାର ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରିଛି। ସକାଳ ୬ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା। ଡିଏଫଓ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଯାଇଥିବା ଭଦ୍ରକ ଅତିରିକ୍ତ ତହସିଲଦାର ବସନ୍ତ ଲେଙ୍କାଙ୍କ ଉପସ୍ଥିତିରେ ଧାମନଗର ରେଞ୍ଜର ସମୀର କୁମାର ରାଉତ, ଚାନ୍ଦବାଲି ସହକାରୀ ବନଖଣ୍ଡ ଅଧିକାରୀ ବିରାଜ ମୋହନ ମହାନ୍ତି, ଭଣ୍ଡାରିପୋଖରୀ ବନପାଳ ପ୍ରକାଶ ଦାସ, ଧାମନଗର ବନପାଳ ପ୍ରଶାନ୍ତ ଦାସ, ଧାମରା ବନପାଳ ଗଦାଧର ବିଶ୍ୱାଳ ପ୍ରମୁଖ ଏପିଆର ଫୋର୍ସ ସହାୟତାରେ ଚଢ଼ାଉ କରିଥିଲେ।



ବନ ବିଭାଗର ଚଢାଉ। ଡୋଜର ଲଗାଇ କଳଘର ଭଙ୍ଗାଯାଉଛି(ଇନ୍‌ସେଟ୍)।

ସ' ମିଲ ମଧ୍ୟରୁ ଯନ୍ତ୍ରାଂଶ ବ୍ୟାଣ୍ଡସ, ଟ୍ରଲି, ଟ୍ରଲିଷ୍ଟାଣ୍ଡ, ବେଣ୍ଡ ଟ୍ରଲି, ସ' ହୁଇଲ, ବେଲ୍ଟ, ୧୦ ଏଚପି ମୋଟର, ୫ ଏଚପି ପାଣି ମୋଟର, ୨୦୦ ସିଫ୍ଟରୁ ଊର୍ଦ୍ଧ୍ୱ ଆମ୍ବ, ପଣସ, ଚାକୁଣ୍ଡା, ପୁଣ୍ଡିଆ କାଠ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଜବତ ସାମଗ୍ରୀକୁ ଧାମନଗର ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇ ରଖାଯାଇଛି। ଏହି ଚଢ଼ାଉରେ ବନରକ୍ଷୀ ରାଜକିଶୋର ନାୟକ, ସତ୍ୟପ୍ରକାଶ ସ୍ୱାଇଁ, ସୁବାସିନୀ ସ୍ୱାଇଁ, ଲିପିକା ଦାସ ପ୍ରମୁଖ ସାମିଲ ହୋଇଥିଲେ।

ସରକାରୀ କଟକଣାକୁ ବେଖାତିର କରି ଭଦ୍ରକ ଜିଲାର ବିଭିନ୍ନ ବ୍ଲକର ବିଭିନ୍ନ ସ୍ଥାନରେ ସ' ମିଲ ଖୁଲମଖୁଲା ଚାଲୁଥିବା ଅଭିଯୋଗ ହୋଇ ଆସୁଛି। ଭଦ୍ରକ ଟାଉନରେ ଚାଲୁଥିବା ସ' ମିଲକୁ କେନ୍ଦୁଝର ଅଞ୍ଚଳରୁ ଚୋରାରେ କାଠ ଟ୍ରିପ ଅବାଧରେ ଅଣାଯାଉଛି। କାଠ ବେପାରୀ, ମିଲ ମାଲିକ ବନ ବିଭାଗ କର୍ମଚାରୀଙ୍କ ସହ ସମ୍ପର୍କରେ ରଖି ଏଭଳି ବେଆଇନ କାରବାର ଚଳାଇଥିଲେ ମଧ ବିଭାଗ କାଁଭାଁ ଚଢ଼ାଉ କରି ନୀରବଦ୍ରଷ୍ଟା ସାଜୁଛି। ଏ ସମ୍ପର୍କରେ ସହକାରୀ ବନଖଣ୍ଡ ଅଧିକାରୀ ବିରାଜମୋହନ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି, ବେଆଇନ କରତକଳ ଚାଲିବା ସମ୍ପର୍କରେ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଚଢ଼ାଉ କରାଯାଉଛି।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରୂପସା, ୨୪।୧୦(ଡି.ଏନ୍.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ମେଦିନୀପୁର ଗ୍ରାମର ଯୁବକ କାହ୍ନୁଚରଣ ଭୂୟାଁଙ୍କ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମଙ୍ଗଳବାର ରାତିରେ ସେ ଘରେ ଶୋଇଥିଲେ। ଏହାପରେ ସେ ବାହାରକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ଗାଁ ମଝିରେ ଜଣେ ଗ୍ରାମବାସୀଙ୍କ ଘର ସମ୍ମୁଖରେ କାହ୍ନୁଚରଣଙ୍କ ଚିହ୍ନାର ଶୁଣିବାକୁ ମିଳିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୩/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ଏହା ଏକ ହତ୍ୟା ଘଟଣା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ କରିଛନ୍ତି। ତେବେ ଯୁବକ ଜଣକ ମୁଣ୍ଡଦୋଷ ଥିବା ପୋଲିସ କହିଛି।

### ନାଗୁଣୀ ନାଗ ଉଦ୍ଧାର



**ଧାମନଗର,୨୪।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକରେ ନାଗ ସାପ ଆତଙ୍କ ଜାରିରହିଛି। ମଙ୍ଗଳବାର ରାତିରେ ଏହି ବ୍ଲକ ଅନ୍ତର୍ଗତ ଧୂଷୁରୀ ପଞ୍ଚାୟତ ବାହାରବିଲ ଗ୍ରାମ ଧ୍ରୁବଚରଣ ବାରିକଙ୍କ ଘର ଦଲାଣରେ ୪ ଫୁଟ ଲମ୍ବର ଦୁଇ ନାଗୁଣୀ ନାଗ ଖେଳୁଥିବା ଦେଖି ସ୍ନେକ ହେଲ୍ପକୁ ଖବର ଦିଆଯାଇଥିଲା। ଭଦ୍ରକରୁ ସେକ ମିର୍ଜା ପହଞ୍ଚିବା ବେଳକୁ ସାପ ଦୁଇଟି ଘରର ପୁରୁଣା କାନ୍ଥ ମଧରେ ପଶି ଯାଇଥିଲେ। ସାପ ଧରାଳି ବହୁ ସମୟ ଧରି ଖୋଜା ଖୋଜି କରି କାନ୍ଥ ମଧ୍ୟରୁ ସାପ ଦୁଇଟିକୁ କାବୁ କରିଥିଲେ। ଧାମନଗର ବ୍ଲକରେ ଧାମନଗର,କଣ୍ଟାବଣିଆ,ନଦୀଗାଁ,ଶହୀଦ ନଗରଆଦି ସ୍ଥାନରୁ ଚଳିତ ବର୍ଷ ଶହ ଶହ ନାଗ ସାପ ସେମାନଙ୍କ ଛୁଆ ଧରାଯାଇଥିବାରୁ ଲୋକଙ୍କ ମନରୁ ଏଯାଏ ଭୟ ଦୂର ହୋଇ ନାହିଁ। ବାହାରବିଲରୁ ଏକ ପୁରୁଣାଖଞ୍ଜା ମାଟି କାନ୍ଥ ଘରୁ ସାପ ବାହାରିବା ନେଇ ଭୟର ବାତାବରଣ ବଢ଼ିଯାଇଛି।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ

**ଧାମନଗର,୨୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଅତିରିକ୍ତ ଜିଲାପାଳ ଶ୍ୟାମାଭକ୍ତ ମିଶ୍ରଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦ ସଭାପତି ଘଣ୍ଟେଶ୍ୱର ସାହୁ, ସମ୍ପାଦକ ସଚୀକାନ୍ତ ପଣ୍ଡା, ଉପସଭାପତି ଅନିଲ ବାରିକ, ବରିଷ୍ଠ ସଭ୍ୟ ନିରାକାର ଧଳ, ଇଂ. ନୃସିଂହ ନାୟକ, ଭାସ୍କର ଚନ୍ଦ୍ର ସାମଲ, ବାବାଜୀ ଚରଣ ବେହେରା, ଯୁଧିଷ୍ଠିର ପଣ୍ଡା, ମହେଶ୍ୱର ସ୍ୱାଇଁ, ଆନନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ବୃଦ୍ଧାବୃଦ୍ଧ, ବିଧବା ଏବଂ ଭିନ୍ନକ୍ଷମଙ୍କୁ ମାତ୍ର ୩ ଶହ ଟଙ୍କା ଭତ୍ତା ଦିଆଯାଉଥିବାର ଏହାକୁ ଦୃଢ଼ ବିରୋଧ କରାଯାଇଛି। ସରକାରଙ୍କ କଲ୍ୟାଣ ଯୋଜନାରେ ଗରିବମାନଙ୍କ ପ୍ରତି କ୍ରମାଗତ ଅବିଚାର କରାଯାଉଥିବା ପରିଷଦ ଅଭିଯୋଗ କରି ଭତ୍ତା ପରିମାଣ ୩ଶହରୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବା, ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କ ଏବଂ ସରକାରୀ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା, ଶୌଚାଳୟ ସୁବିଧା, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ପୂରଣ, ରୋଗୀ କଲ୍ୟାଣ ସମିତି ପକ୍ଷରୁ ଔଷଧ ବଣ୍ଟନ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, ଭଦ୍ରକରୁ ଦୋବଲ ଯାତାୟାତ କରୁଥିବା ବସକୁ ଚୁଡାକୁଟି ଦେଇ ଚଳାଚଳ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଷ୍ଟେଶନ ଛକରୁ ନାବାଳକ ଉଦ୍ଧାର

**ଜଳେଶ୍ୱର, ୨୪।୧୦(ଡି.ଏନ.ଏ.)**

ମଙ୍ଗଳବାର ରାତି ୯ଟାରେ ଜଳେଶ୍ୱର ସହର ଷ୍ଟେଶନ ଛକ ଅଞ୍ଚଳରେ ଏକ ୭ ବର୍ଷର ନାବାଳକ ଏକୁଟିଆ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ ନାବାଳକଙ୍କୁ ଥାନାକୁ ନେଇ ପଚରାଉଚୁରା ଚଳାଇଥିଲେ ମଧ ତାଙ୍କ ପରିଚୟ ଜାଣିପାରିନାହିଁ। ଉକ୍ତ ନାବାଳକ ତାଙ୍କ ନାମ କାର୍ତ୍ତିକ ଦେହୁରୀ କହୁଥିବା ବେଳେ ଆଉ କିଛି କହିପାରୁନାହାନ୍ତି, ଯାହାକି ପୋଲିସକୁ ଚିନ୍ତାରେ ପକାଇଛି।



'ତନିସ୍କ'ର ନୂଆ ଷ୍ଟୋର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବାଲେଶ୍ୱରରେ 'ତନିଷ୍କ'ର ନୂଆ ଷ୍ଟୋର

**ବାଲେଶ୍ୱର ଅଫିସ, ୨୪।୧୦**

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗରେ 'ତନିଷ୍କ'ର ନୂଆ ଷ୍ଟୋର ବୁଧବାର ଟାଇଟନ୍ କମ୍ପାନୀ ଲିମିଟେଡ୍‌ର ଉପସଭାପତି (ମାର୍କେଟିଂ ଓ ଖୁଚୁରା ଗହଣା ଡିଭିଜନ) ସନ୍ଦୀପ କୁଲୁହାଲିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭାରତର ସର୍ବବୃହତ ଓ ସବୁଠାରୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ ତନିଷ୍କର ସଦ୍ୟତମ ଷ୍ଟୋର ଉନ୍ମୋଚନ ଅବସରରେ ଓଡିଶାର ଏହା ୮ମ ଏବଂ ଭାରତରେ ୨୬୮ତମ ଷ୍ଟୋର। ଏହି ଷ୍ଟୋରରେ ଅତ୍ୟାଧୁନିକ ଗହଣା ସମ୍ଭାର ରହିଛି ଯାହା ପ୍ରତିଟି ମହିଳାଙ୍କୁ କିଛିଟା ସ୍ୱତନ୍ତ୍ରତା ପ୍ରଦାନ କରିଥାଏ। ସତନ୍ତ୍ର ଡିଜାଇନ୍, ସୁପରିୟର କାରିଗରି ଓ ଉନ୍ନତ ସପିଂ ଅନୁଭୂତି ନିଆରା ବୋଲି କୁଲହାଲି କହିଛନ୍ତି।

ନୂଆ ଷ୍ଟୋର ଉଦ୍‌ଘାଟନୀ ଅବସରରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସୁନା ଗହଣାର ଗଢା ମୂଲ୍ୟ ଉପରେ ରିହାତି ରହିବାର ଘୋଷଣା କରାଯାଇଛି। କମ୍ପାନୀର ରିଜିଓନାଲ ବିଜିନେସ୍ ମ୍ୟାନେଜର ଅନିରବନ୍ଧ ବାନାରଜି, ଏରିଆ ବିଜିନେସ୍ ମ୍ୟାନେଜର ପ୍ରଖର କଲ୍ଲାବତ, ପୁନେର ଫ୍ରାଞ୍ଚାଇଜ୍‌ର ନିଶିତ ବେହେରା ଏବଂ ବାଲେଶ୍ୱର ଫ୍ରାଞ୍ଚାଇଜ୍‌ର ଗୌରବ ବେହେରା ଓ ବାଲେଶ୍ୱର ପୂର୍ବତନ ସଦର ବିଧାୟକ ଅରୁଣ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀପୂଜାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗୁରୁତର

**ମୋରଡା,୨୪।୧୦**

ମୋରଡା ଥାନା ଚିତ୍ରଡା ଫାଣ୍ଡି ଅଧୀନ ପାଟପୁର ଗ୍ରାମରେ ଲକ୍ଷ୍ମୀପୂଜାକୁ କେନ୍ଦ୍ରକରି ବୁଧବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ବୃଦ୍ଧ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବର ପାଇ ମୋରଡା ଥାନାଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରୁଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବା ଏବଂ ପୋଲିସର ବୁଝାଶୁଝା ଜାରି ରହିଥିବା ଜଣାପଡିଛି। ତେବେ ଉକ୍ତ ସଂଘର୍ଷରେ ପାଟପୁର ଗ୍ରାମର ବାସୁଦେବ ରାଉଳ (୬୦) ଙ୍କୁ ଆକ୍ରମଣ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ବାସୁଦେବପୁରରେ ହୋର୍ଡିଂ ବଢ଼ାଉଛି ରାଜନୈତିକ ଉଷ୍ମତା

**ବାସୁଦେବପୁର,୨୪।୧୦(ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ପୂଜାପାର୍ବଣକୁ ଆଳ କରି ସହରଠାରୁ ଗ୍ରାମାଞ୍ଚଳ ଯାଏ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମାଳ ମାଳ ପୋଷ୍ଟର ବ୍ୟାନର ରାସ୍ତା କଡ଼ରେ ଲଗାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିର ରଖି ଆଶାୟୀ ଯୁବ ପ୍ରାର୍ଥୀ ବ୍ୟାନର ମାରି ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ପ୍ରମୁଖ ରାଜନୈତିକ ଦଳର ଏଭଳି ବ୍ୟାନର ଲଢେଇ ଏଠାରେ ରାଜନୈତିକ ଉଷ୍ମତା ବଢାଇଛି। ବାସୁଦେବପୁର ସହର ଓ ବିଭିନ୍ନ ଛକରେ ଏଭଳି ବହୁଳ ପରିମାଣର ଦଳୀୟ ପୋଷ୍ଟର ଲଗାଯାଇଛି। ଏଭଳି ପୋଷ୍ଟର ଲଗାଇବା କ୍ଷେତ୍ରରେ ରାଜନୈତିକ ଦଳ ମଧ୍ୟରେ ଛକପଞ୍ଝା ମଧ ଲାଗି ରହିଛି। କଂଗ୍ରେସ, ବିଜେଡି ଓ ଭାଜପା ସମେତ ଆପ୍ ଆଦି ରାଜନୈତିକ ଦଳର ବ୍ୟାନର ସହରରେ ଲାଗିଥିବା ଲକ୍ଷ୍ୟ କରାଯାଇଛି। ତେବେ ବରିଷ୍ଠ ରାଜନେତା ମାନେ ଏହି ବ୍ୟାନର ଲଢ଼େଇରୁ ଦୂରେଇ ରହିଥିବା ଦେଖିବାକୁ ମିଳୁଛି।

## ୧୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଜଳେଶ୍ୱର, ୨୪।୧୦ (ଡି.ଏନ.ଏ.)**

ନଦୀରୁ ବଢ଼ି ପାଣି ସମ୍ପୂର୍ଣ୍ଣ ଭାବେ କମି ନ ଥିବା ବେଳେ ବାଲି ମାଫିଆମାନେ ବାଲି ଚୋରି କରି ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ବୁଧବାର ସକାଳେ ତାହା ନଜରକୁ ଆସିଛି। ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଓଲମାରା ରାଜସ୍ୱ ସର୍କଲ ଅଧୀନ ସୁବର୍ଣ୍ଣରେଖା ନଦୀର କୁଅଁରପୁର ବାଲିଶଯ୍ୟାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ମାଫିଆମାନେ ୧୨ଟି ଟ୍ରାକ୍ଟରରେ ବୋଝେଇ କରି ପଶ୍ଚିମବଙ୍ଗ ଚାଲାଣ କରୁଥିଲେ। ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା ଖବରପାଇ ଓଲମାରା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଦିଲୀପ ଚାନ୍ଦଙ୍କୁ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆରଆଇ ଚାନ୍ଦ ଟ୍ରାକ୍ଟରଗୁଡ଼ିକୁ ଜବତ କରି ପ୍ରତ୍ୟେକ ଟ୍ରାକ୍ଟରରୁ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜବତ ହୋଇଥିବା ବାଲି ବୋଝେଇ ଟ୍ରାକ୍ଟରଗୁଡ଼ିକୁ ରାଇବଣିଆ ଥାନାଧିକାରୀଙ୍କ ଜିମାରେ ଥାନା ସମ୍ମୁଖ ଯାତ୍ରା ପଡ଼ିଆରେ ରଖାଯାଇଛି। ଅଧିକାଂଶ ଟ୍ରାକ୍ଟର ନମ୍ବର ବିହୀନ।



ଜବତ ବାଲିବୋଝେଇ ଟ୍ରାକ୍ଟର।

# ବଦଳିଲେ ୪୭ ପୋଲିସ ଇନ୍ସପେକ୍ଟର

## ୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି

**କଟକ ଅଫିସ୍, ୨୪।୧୦**

ଓଡ଼ିଶା ପୋଲିସରେ ବଡ଼ ଧରଣର ଅଦଳବଦଳ ହୋଇଛି। ୪୭ଜଣ ଇନ୍ସପେକ୍ଟରଙ୍କ ବଦଳି କରାଯାଇଥିବାବେଳେ ୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ପଦୋନ୍ନତି ପାଇଥିବା ଉକ୍ତ ଏସ୍‌ଆଇଙ୍କୁ ଅନ୍ୟ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଏନେଇ ବୁଧବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଇନ୍ସପେକ୍ଟର ଅଲ୍‌ବିଶ୍ ମୁଣ୍ଡାଙ୍କୁ ରାଉରକେଲାର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଲୋକ ଜେନାଙ୍କୁ ବ୍ରହ୍ମପୁରରୁ ଓ ଅମିତାଭ ପାତ୍ରଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ଅର୍ଚ୍ଚନା ମଲ୍ଲିକଙ୍କୁ କେନ୍ଦୁଝରରୁ ଖୋର୍ଦ୍ଧା, ଆଶାଲତା ଜେନାଙ୍କୁ କମିଶନରେଟ ପୋଲିସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଶୁତୋଷ ମିଶ୍ରଙ୍କୁ ନୟାଗଡ଼ରୁ ଭଦ୍ରକ, ବାଳକୃଷ୍ଣ କଅଁରଙ୍କୁ କନ୍ଧମାଳରୁ ସମ୍ବଲପୁର, ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ବ୍ରହ୍ମପୁରରୁ ଖୋର୍ଦ୍ଧା, ବିବସ୍ୱ ପ୍ରଧାନଙ୍କୁ ଗଞ୍ଜାମରୁ ସୁନ୍ଦରଗଡ଼, ବିଚିତ୍ରନନ୍ଦ ସେଠୀଙ୍କୁ ଜଗତସିଂହପୁରରୁ ଯାଜପୁର, ବିଶ୍ୱରଞ୍ଜନ ସେନାପତିଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ବିଶ୍ୱଜିତ୍ ରାଉତରାୟଙ୍କୁ ପୁରୀରୁ ନୟାଗଡ଼, ଦେବଜାନୀ ନାୟକଙ୍କୁ କେନ୍ଦୁଝରରୁ ଅନୁଗୋଳ, ଦେବ ଗମାଙ୍ଗଙ୍କୁ କୋରାପୁଟରୁ ଭୁବନେଶ୍ୱର ଗୋଇନ୍ଦା ବିଭାଗ, ଦିଲୀପ ସାହୁଙ୍କୁ ଭଦ୍ରକରୁ ନବରଙ୍ଗପୁର, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗୀତି ରଞ୍ଜନ ମହାପାତ୍ରଙ୍କୁ ବଲାଙ୍ଗୀର, ଗୋକୁଳାନନ୍ଦ ସାହୁଙ୍କୁ ବଲାଙ୍ଗୀରରୁ ସୁନ୍ଦରଗଡ, ଜ୍ଞାନରଞ୍ଜନ ମିଶ୍ରଙ୍କୁ ବାଲେଶ୍ୱରରୁ କଟକ, ଜୟଦେବ ବିଶ୍ୱଜିତ୍‌ଙ୍କୁ କମିଶନରେଟ ପୋଲିସରୁ ପୁରୀ, ଯୁବରାଜ ସ୍ୱାଇଁଙ୍କୁ ପୁରୀରୁ ଅନୁଗୋଳ, କବିତା ସାହୁଙ୍କୁ ସ୍ପେଶାଲ ବ୍ରାଞ୍ଚରୁ ଭିଜିଲାନ୍ସ, କୃଷ୍ଣ ପ୍ରସାଦ ମିଶ୍ରଙ୍କୁ କମିଶନରେଟ ପୋଲିସରୁ ଜଗତସିଂହପୁର, କ୍ଷମା ସାଗର ପଣ୍ଡାଙ୍କୁ କେନ୍ଦ୍ରାପଡାରୁ ବାଲେଶ୍ୱର, ଲୋକେଶ୍ୱର ସାହୁଙ୍କୁ ସମ୍ବଲପୁରରୁ ବ୍ରହ୍ମପୁର, ମହେଶ୍ୱର ସେଠୀଙ୍କୁ ଜଗତସିଂହପୁରରୁ ନୟାଗଡ଼, ମନୋଜ କୁମାର ସ୍ୱାଇଁଙ୍କୁ କମିଶନରେଟ ପୋଲିସରୁ ଯାଜପୁର, ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ବ୍ରହ୍ମପୁରର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ନିର୍ମଳ ଗୋଛାୟତଙ୍କୁ ଅନୁଗୋଳରୁ ପୁରୀ, ପ୍ରଦୀପ ପଟ୍ଟନାୟକଙ୍କୁ ବ୍ରହ୍ମପୁରରୁ ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ, ଭିଜିଲାନ୍ସର ପ୍ରକାଶ ଜେନାଙ୍କୁ ସମ୍ବଲପୁର, ପ୍ରଶାନ୍ତ ଭୁପତିଙ୍କୁ ଗଜପତିରୁ ରାୟଗଡା, ପ୍ରିୟବ୍ରତ ଦାସଙ୍କୁ କେନ୍ଦ୍ରାପଡାରୁ ଅନୁଗୋଳ, ରଜନୀକାନ୍ତ ସାମଲଙ୍କୁ ସମ୍ବଲପୁରରୁ ଜଗତସିଂହପୁର, ରାଜେନ୍ଦ୍ର ନାୟକଙ୍କୁ ବ୍ରହ୍ମପୁରରୁ ଭିଜିଲାନ୍ସ, ରାମ ମୁର୍ମୁଙ୍କୁ ଭଦ୍ରକରୁ କେନ୍ଦ୍ରାପଡା, ଅନୁଗୋଳ ପିଟିସି (ପୋଲିସ ଟ୍ରେନିଂ କଲେଜ)ର ରଞ୍ଜନ ପଟ୍ଟନାୟକଙ୍କୁ ରାଉରକେଲା ଜିଆର୍‌ପି, ସବ୍ୟସଚୀ ରାଉତଙ୍କୁ ଅନୁଗୋଳରୁ କଟକ ଜିଆର୍‌ପି, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ସଲିଳ ପ୍ରଧାନଙ୍କୁ କେନ୍ଦ୍ରାପଡା, ସରସ୍ୱତୀ ଶତପଥୀଙ୍କୁ ଜଗତସିଂହପୁରରୁ ବଲାଙ୍ଗୀର, ସତ୍ୟଜିତ୍ ଦାସଙ୍କୁ ମୟୂରଭଞ୍ଜରୁ କମିଶନରେଟ ପୋଲିସ, ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଜଗତସିଂହପୁରରୁ ବାଲେଶ୍ୱର, ଭିଜିଲାନ୍ସର ସୁଦର୍ଶନ ପଣ୍ଡାଙ୍କୁ କେନ୍ଦୁଝର, ସ୍ପେଶାଲ ବ୍ରାଞ୍ଚର ସୁନୀଲ ପ୍ରଧାନଙ୍କୁ ନୟାଗଡ, କେନ୍ଦୁଝରର ସ୍ୱର୍ଣ୍ଣଲତା ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ, କଳାହାଣ୍ଡିର ତିଳୋତ୍ତମା ନାୟକଙ୍କୁ କୋରାପୁଟ, ସମ୍ବଲପୁରର ତୋଫନ ବାଗ୍‌ଙ୍କୁ ବ୍ରହ୍ମପୁର ଓ ଇନ୍ସପେକ୍ଟର ଶ୍ରୀକାନ୍ତ ତ୍ରିପାଠୀଙ୍କୁ ଅନୁଗୋଳ ପିଟିସିର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇଥିବା ଭଦ୍ରକର ଏସ୍‌ଆଇ ଶଙ୍କର ପ୍ରସାଦ ଦ୍ୱିବେଦୀ, ଅନୁଗୋଳର ତାପସ ଭୋଇ, ବରଗଡ଼ର ରଞ୍ଜିତ୍ ନାୟକଙ୍କୁ ଅନୁଗୋଳ ପିଟିସିରେ ନିଯୁକ୍ତି ଦିଆଯାଇଥିବାବେଳେ ଭଦ୍ରକର ପୂର୍ଣ୍ଣଚନ୍ଦ୍ର ଗୋଛାୟତ ଏବଂ କଟକର ଦେବେନ୍ଦ୍ର ମହାପାତ୍ରଙ୍କୁ ଯଥାକ୍ରମେ ଯାଜପୁର ଏବଂ ଜଗତସିଂହପୁର ଜିଲାରେ ନିଯୁକ୍ତି ଦିଆଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

